ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

International Convention on Millets
BHUBANESWAR, ODISHA | 9TH & 10TH NOV 2023

**News ID-IPR/AgFE (Od)/1233/10-11-2023**

# ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ–୨୦୨୩

## ଆଧୁନିକ ଖାଦ୍ୟାଭ୍ୟାସ ପରିଦୃଶ୍ୟରେ ପୁଷ୍ଟିଶସ୍ୟର ଭୂମିକା ରହିଛି

ଭୁବନେଶ୍ୱର, ୧୦/୧୧/୨୦୨୩

ଉପଭୋକ୍ତାଙ୍କ ଜୀବନଶୈଳୀ ଓ ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ସାଙ୍ଗକୁ ସେଥିରେ ପୁଷ୍ଟିଶସ୍ୟକୁ ଏକ ପୋଷକ ଖାଦ୍ୟ ଭାବେ ପ୍ରଭାବୀ ଭୂମିକା ଦେବା ଲକ୍ଷ୍ୟରେ ଆଜି ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ବକ୍ତାମାନେ ପୁଷ୍ଟିଶସ୍ୟ ଏକ ସୁଷମ ଖାଦ୍ୟ ଭାବେ ପ୍ରାଧାନ୍ୟ ଲାଭ କରିପାରିବ ବୋଲି ଉଲ୍ଲେଖ କରିଛନ୍ତି ।

ଭାରତରେ ପୁଷ୍ଟିଶସ୍ୟର ସ୍ଥିତି ନେଇ ଆଲୋଚନା ହୋଇଥିବାବେଳେ ଅଂଶଗ୍ରହଣକାରୀମାନେ ବିଭିନ୍ନ ଦୃଷ୍ଟିକୋଣରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ନେତୃତ୍ୱରେ ଆରମ୍ଭ ହେଉଥିବା ଉଦ୍ୟୋଗ, ମିଲେଟ ଶକ୍ତି ଆଉଟ୍‌ଲେଟ୍, ଟିଫିନ୍ ସେଣ୍ଟର ଇତ୍ୟାଦି ପୁଷ୍ଟିଶସ୍ୟକୁ ଗୁରୁତ୍ୱ ଦେଉଛନ୍ତି ବୋଲି କହିଥିଲେ । ଆଲୋଚନା ଚକ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, କୃଷି ବିଜ୍ଞାନ ଜନସ୍ୱାସ୍ଥ୍ୟ ଛାତ୍ର, ସ୍ୱାସ୍ଥ୍ୟାନୁଷ୍ଠାନ ପ୍ରତିନିଧିଙ୍କ ସମେତ ଆସାମ ମିଲେଟ ମିଶନର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ହାଇଦ୍ରାବାଦସ୍ଥିତ ଭାରତୀୟ କୃଷି ଗବେଷଣା ପରିଷଦର ନିର୍ଦ୍ଦେଶକ ଡ. ସି. ତାରା ସତ୍ୟବତୀ ଓ ଇଣ୍ଟରନ୍ୟାସନାଲ କ୍ରପସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଫର ଦି ସେମିଏରିଡ୍ ଟ୍ରପିକ୍ସର କାର୍ଯ୍ୟକର୍ତ୍ତା ଡ. ରୂପା ବାନାର୍ଜୀଙ୍କ ମିଳିତ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ୟୁନିସେଫର ସୁଶ୍ରୀ ସୋନାଲି ସିହ୍ନା, ଜାତୀୟ ପୋଷଣ ବୈଷୟିକ ବୋର୍ଡର ଡ. ରାଜ ଭଣ୍ଡାରୀ, ଶ୍ରେଷ୍ଠା ଅଗ୍ରାନିକ୍ସର ଶ୍ରୀ ବାଲା ସୁବ୍ରମଣ୍ୟମ୍, ସେଣ୍ଟ୍ରାଲ ଫୁଡ୍ ଟେକ୍‌ନୋଜିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ପ୍ରମୁଖ ବିଜ୍ଞାନୀ ଡ. ଏମ୍. ଏସ୍. ମୀରା, ହୋଟେଲ ଓ ରେସ୍ତୋଁରା ଆସୋସିଏସନ୍, ଓଡ଼ିଶାର ସଂପାଦକ ଶ୍ରୀ ନୀଳମାଧବ ପୃଷ୍ଟି ଓ କୋରାପୁଟ ଜିଲ୍ଲା ରାଜପୁରର ଗ୍ରାମପଞ୍ଚାୟତ ମହାସଂଘର ଉଦିର ଶଙ୍କର ପାଣିଗ୍ରାହୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

କୃଷି ବିଭାଗର ମୃତ୍ତିକା ରସାୟନବିତ୍ ପ୍ରିୟଙ୍କା ପ୍ରିୟଦର୍ଶିନୀ ଅଧିବେଶନରେ ସ୍ୱାଗତ ଭାଷଣ ଦେଇଥିଲେ । ଉଭୟ ଅଧ୍ୟକ୍ଷ ଡ. ତାରା ଓ ଡ. ରୂପା ଖାଦ୍ୟ ନିରାପତ୍ତା ତଥା ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ପୁଷ୍ଟିଶସ୍ୟର ଗୁରୁତ୍ୱ ଉଲ୍ଲେଖ କରିବା ସହିତ ବର୍ତ୍ତମାନ ସମୟରେ ଉପଭୋକ୍ତା ବ୍ୟବହାର ଧାରାରେ ପରିବର୍ତ୍ତନକୁ ଏହା ପ୍ରଭାବିତ କରିପାରିବ ବୋଲି ପ୍ରକାଶ କରିଥିଲେ ।

ସ୍ୱତୀ ସ୍ୱିଗ୍ଧା ସୁଆର
ସୂଚନା ଅଧିକାରୀ